## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ। ସ୍ଥାନ: ଟିପିଏସଓଡିଏଲ କାର୍ଯ୍ୟାଳୟ। ସମୟ: ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ଆସିକା,୭।୬(ଡି.ଏନ.ଏ):** ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗାଙ୍ଗପୁର ଥାନା ପୋଲିସ ବୁଧବାର ଗିରଫ କରିଛି । ସେ ହେଲେ ବାଙ୍ଗରଡା ଗ୍ରାମର ଶ୍ୟାମ ସେଠୀ । ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି । ପ୍ରଥମ ସ୍ତ୍ରୀଙ୍କ ବିୟୋଗ ପରେ ଶ୍ୟାମ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ ଝିଅ । ଏଭଳିସ୍ଥଳେ ପ୍ରାୟ ଏକ ବର୍ଷ ହେବ ସେ ଅନ୍ୟ ଜଣଙ୍କୁ ତୃତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ । ତୃତୀୟ ସ୍ତ୍ରୀଙ୍କୁ ଶ୍ୟାମ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଗାଙ୍ଗପୁର ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୪୨୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ୬୧ ୟୁନିଟ୍ ରକ୍ତ ସଂଗୃହୀତ

**ବ୍ରହ୍ମପୁର ଅଫିସ,୭।୬:** ବାଲେଶ୍ୱର ଜିଲା ବାହାନଗାଠାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତଙ୍କ ସହାୟତା ଉଦ୍ଦେଶ୍ୟରେ ବ୍ରହ୍ମପୁର ପ୍ରେସ କ୍ଲବ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସଂଘର କର୍ମକର୍ତ୍ତା, ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୬୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମସି ମେୟର ସଂଘମିତ୍ରା ଦଳେଇ, ଏମକେସିଜି ମେଡିକାଲ ଅଧିକ୍ଷକ ଡା ପ୍ରଫେସର ସୁଚିତ୍ରା ଦାଶ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

### ଯୌତୁକ ପାଇଁ ନବବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପାତ୍ରପୁର,୭।୬(ଡି.ଏନ.ଏ.):** ପାତ୍ରପୁର ବ୍ଲକ ଜରଡ଼ା ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ଜଣେ ନବ ବିବାହିତଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି । ସେ ହେଲେ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁର ଥାନା ଅନ୍ତର୍ଗତ କୁଲିଗାଁ ବାସିନ୍ଦା ଡି. ନିଳିମା(୧୯)। ନିଳିମା ଚଳିତ ବର୍ଷ ଫେବୃଆରୀ ମାସ ୨୭ରେ ଅଭୟପୁର ଗ୍ରାମର ଡି. ଅନନ୍ତଙ୍କୁ ବିବାହ କରିଥିଲେ। ବିବାହର ମାତ୍ର ତିନିମାସ ପୁରିଥିବା ବେଳେ ନିଳିମା'ଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ପୁଅଘର ଲୋକଙ୍କ ଉପରେ ଯୌତୁକ ନିର୍ଯାତନା ଦାବି କରି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଏ ନେଇ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଅନନ୍ତଙ୍କୁ ଜରଡ଼ା ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଛି। ପାତ୍ରପୁର ତହସିଲ ଦାୟିତ୍ୱରେ ଥିବା ଟିକିଟି ତହସିଲଦାର ବିଶ୍ୱରଞ୍ଜନ କଂହର ଓ ଟିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରାଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର ପରେ ଏକ ଅପମୃତ୍ୟୁ ମାମଲା ନଂ. ୧୯୫/୨୩ ରୁଜୁ କରାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସଆଇ ମେଦିନେଶ୍ୱର କଂହର କହିଛନ୍ତି।

# ନାହାନ୍ତି ବିଶେଷଜ୍ଞ, ଚିକିତ୍ସାରେ ସମସ୍ୟା

**ବ୍ରହ୍ମପୁର ଅଫିସ,୭।୬**



ବ୍ରହ୍ମପୁର ମଣ୍ଡଳ କାରାଗାର।

ବ୍ରହ୍ମପୁର ମଣ୍ଡଳ କାରାଗାର ୧୮୬୩ରେ ପ୍ରତିଷ୍ଠା ହୋଇଥିଲା। ଏହି କାରାଗାର ଅଧୀନରେ ଅବିଭକ୍ତ ଗଞ୍ଜାମ, ପୁରୀ ଓ ଫୁଲବାଣୀକୁ ନେଇ ୨୩ଟି ଉପ କାରାଗାର ରହିଛି। ପୂର୍ବରୁ ମଣ୍ଡଳ କାରାଗାରରେ ୭୪୩ ଅନ୍ତେବାସୀ ରହିବା ପାଇଁ ୱାର୍ଡ ରହିଥିବା ବେଳେ ଏବେ ଏହା ୯୪୧କୁ ବୃଦ୍ଧି ପାଇଛି। ବର୍ତ୍ତମାନ ଏହି ଜେଲରେ ୮୩୮ ଜଣ ଅନ୍ତେବାସୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୮ଜଣ ମହିଳା ଓ ୮୨୦ ଜଣ ପୁରୁଷ ଅନ୍ତେବାସୀ। ୮୩୮ ଅନ୍ତେବାସୀଙ୍କ ମଧ୍ୟରୁ ୧୭୯ ଜଣ କଏଦୀ ରହିଥିବା ବେଳେ ୬୫୯ ଜଣ ବିଚାରାଧୀନ ବନ୍ଦୀ ଅଛନ୍ତି। ସେହିପରି ଏହି ଜେଲରେ ୨୦ଜଣ ପୁରୁଷ ଓ ଜଣେ ମହିଳା ମାନସିକ ରୋଗୀ ଅନ୍ତେବାସୀ ରହିଛନ୍ତି। ଏଠାରେ ମାନସିକ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅନ୍ୟପଟେ ଦୀର୍ଘବର୍ଷ ଧରି ଜେଲରେ ରହୁଥିବା ଅନ୍ତେବାସୀଙ୍କ ମାନସିକ ଅବସାଦ ଘଟୁଛି। ସେମାନେ ମାନସିକ ସନ୍ତୁଳନ ହରାଇ ବସୁଛନ୍ତି। ଏମାନଙ୍କ ଚିକିତ୍ସା ଲାଗି ଜେଲ ବିଭାଗ ଏବେ ଅଣ୍ଟା ଭିଡ଼ିଛି । ସାଇକାଟ୍ରିକ ସୋସିଆଲ ୱାର୍କର ଓ କ୍ଲିନିକାଲ ସାଇକୋଲୋଜିଷ୍ଟ ଦୁଇଟି ବିଭାଗରେ ବିଶେଷଜ୍ଞଙ୍କୁ ନିଯୁକ୍ତି କରିବାକୁ ନିଷ୍ପତ୍ତି ହୋଇଛି। ସେମାନେ ଅନ୍ତେବାସୀଙ୍କ ମାନସିକ ଅବସ୍ଥା ଯାଞ୍ଚ କରିବେ। ଯେଉଁ ଜେଲଗୁଡିକରେ ଅଧିକ ମାନସିକ ରୋଗୀ ଅଛନ୍ତି ସେଠାରେ ବିଶେଷଜ୍ଞ ନିଯୁକ୍ତି କରାଯିବ। ମେ ପହିଲାରୁ ସବୁ ଜେଲରେ ମାନସିକ ରୋଗୀ ବିଶେଷଜ୍ଞଙ୍କୁ ନିୟୋଜିତ କରାଯିବ ବୋଲି ଜେଲ ଡିଜି ମନୋଜ କୁମାର ଛାବ୍ରା ଗତ ଏପ୍ରିଲ ମାସରେ ସୂଚନା ଦେଇଥିଲେ। ହେଲେ ଏଯାବତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ମାନସିକ ରୋଗୀ ବିଶେଷଜ୍ଞଙ୍କୁ ନିଯୁକ୍ତ କରାଯାଇନାହିଁ। ଯାହାଫଳରେ ଜେଲରେ ଥିବା ୨୧ ଜଣ ମାନସିକ ରୋଗୀଙ୍କୁ ଠିକ ଚିକିତ୍ସା ମିଳିପାରୁନାହିଁ। ଫଳରେ ସେମାନଙ୍କର ଅନେକ ଅସୁବିଧା ହେଉଛି। ଏ ନେଇ ବ୍ରହ୍ମପୁର ଜେଲର ସତ୍ୟନାରାୟଣ ବେହେରା କହିଛନ୍ତି, ଏହି ଜେଲରେ ଦୁଇଜଣ ଡାକ୍ତରୀ ପଦବୀ ମଞ୍ଜୁର ହୋଇଛି। ଭେଷଜ ବିଭାଗର ଜଣେ ଡାକ୍ତର ରହିଥିବା ବେଳେ ମାନସିକ ରୋଗୀ ବିଶେଷଜ୍ଞ କେହି ନାହାନ୍ତି। ଜେଲ ଡିଜିଙ୍କୁ ଏନେଇ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ମଣ୍ଡଳ କାରାଗାରରେ ମାନସିକ ରୋଗୀ ବିଶେଷଜ୍ଞ ନିଯୁକ୍ତ କରାଯିବ ବୋଲି ଆଶା କରାଯାଉଛି। ଡାକ୍ତର ନିଯୁକ୍ତି ପରେ ଜେଲରେ ଥିବା ମାନସିକ ରୋଗୀଙ୍କୁ ଉତ୍ତମ ଚିକିତ୍ସାସେବା ମିଳିପାରିବ ଓ ମାନସିକ ରୋଗୀଙ୍କ ସଂଖ୍ୟା ହ୍ରାସ ହେବ ବୋଲି ସେ କହିଛନ୍ତି।

### ମଣ୍ଡଳ କାରାଗାରରେ ୨୧ ମାନସିକ ରୋଗୀ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଗୁଡ଼ି


@ ଜିଜ୍ଞାସା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଜଗନ୍ନାଥଙ୍କ ସର୍ଜନା, ଲୀଳାର ମୌଳିକତା ପ୍ରତିପାଦିତ ହେଉ


କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ସମ୍ମାନ ପ୍ରଦାନ।

**ବ୍ରହ୍ମପୁର ଅଫିସ, ୭।୬**

ଶ୍ରୀଜଗନ୍ନାଥଙ୍କ ବିଷୟରେ ପ୍ରକୃତ ଗବେଷଣା ନିମନ୍ତେ ଯେଉଁ ତଥ୍ୟ ଓ ପ୍ରମାଣର ଆବଶ୍ୟକତା ରହିଛି, ତାହା କେବଳ ସୁତ ସଂହିତାରେ ଉପଲବ୍ଧ। ମାତ୍ର ସୁତ ସଂହିତା ଏ ପର୍ଯ୍ୟନ୍ତ ଆମର ହସ୍ତଗତ ହୋଇପାରିଲା ନାହିଁ। ସୁତ ସଂହିତାକୁ ଆଧାର କରି ରଚିତ ନୀଳାଦ୍ରୀଶ ସଂହିତା ପ୍ରମାଣ ଆଧାରରେ ଆମେ ଜଗନ୍ନାଥଙ୍କ ସୃଷ୍ଟି ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ କେବଳ ଆଲୋଚନା କରିଚାଲିଛୁ। ପୁରୁଷାନୁକ୍ରମେ ଶ୍ରୀଜଗନ୍ନାଥଙ୍କ ସର୍ଜନା ଓ ସଂସ୍କୃତିର ମୌଳିକତା ପ୍ରତିପାଦନ ଦିଗରେ ପ୍ରତିବଦ୍ଧତାର ସହ ଗବେଷଣା କରାଯାଉ ବୋଲି ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଧର୍ମଶାସ୍ତ୍ର ବିଭାଗର ପ୍ରାକ୍ତନ ପ୍ରଫେସର୍ ତଥା ବିଶିଷ୍ଟ ପ୍ରାଚ୍ୟ ତତ୍ତ୍ୱବିଦ ଡ. ବ୍ରଜକିଶୋର ସ୍ୱାଇଁ ମତ ପ୍ରକାଶ କରିଛନ୍ତି। କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳ ଆଶ୍ରମ ସଭା ଗୃହ ପରିସରରେ ଅନୁଷ୍ଠିତ ଡ. ବେଣୀମାଧବ ପାଢ଼ୀ ସ୍ମାରକୀ ବକ୍ତୃତାମାଳା କାର୍ଯ୍ୟକ୍ରମକୁ ଉଦଘାଟନ କରି ସ୍ୱାଇଁ ଏଭଳି ମନ୍ତବ୍ୟ ଦେଇଛନ୍ତି। ଡ. ବେଣୀମାଧବ ପାଢ଼ୀଙ୍କ ଦାରୁ ଦେବତା ଗ୍ରନ୍ଥ ପ୍ରକାଶନ ପରେ କଳିଙ୍ଗର ସାମାଜିକ ଇତିବୃତ୍ତ ଦ୍ୱିତୀୟ ପ୍ରାମାଣିକ ଗ୍ରନ୍ଥ ରୂପେ ଓଡ଼ିଶା ଓ ଓଡ଼ିଆ ସଂସ୍କୃତିର ବହୁ ଅନାଲୋଚିତ ଦିଗକୁ ଉନ୍ମୋଚନ କରିଛି ବୋଲି ସେ କହିଥିଲେ। କଳିଙ୍ଗ ସାହିତ୍ୟ ସମାଜର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ଗଞ୍ଜାମ ଜିଲା ସଦସ୍ୟ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏହି ସ୍ମୃତିସଭାରେ ପୌରୋହିତ୍ୟ କରିଥିଲେ। ସେ ବେଣୀମାଧବ ପାଢ଼ୀଙ୍କ ଜୀବନର ଅନାଲୋଚିତ ୨ଟି ଘଟଣା ସମ୍ପର୍କରେ ଆଲୋକପାତ କରିଥିଲେ। ସାହିତ୍ୟ ସମାଜର ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ହୃଷୀକେଶ ପଣ୍ଡା ସ୍ୱାଗତ ଭାଷଣ ଓ ଡ. କୃଷ୍ଣପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. କୁଳମଣି ଓଝା ଆଦି ଶଙ୍କରାଚାର୍ଯ୍ୟ ବିରଚିତ ଶ୍ରୀଜଗନ୍ନାଥାଷ୍ଟକମ୍ ଆବୃତି କରିଥିବା ବେଳେ ଡ. ହୃଷୀକେଶ ପଣ୍ଡା ପ୍ରଶସ୍ତିପତ୍ର ପାଠ କରିଥିଲେ। ଏହି ଅବସରରେ ପ୍ରଫେସର୍ ବ୍ରଜକିଶୋର ସ୍ୱାଇଁଙ୍କୁ ଦ୍ୱିତୀୟ ଡ. ବେଣୀମାଧବ ପାଢ଼ୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଅନୁପ କୁମାର ମିଶ୍ର, ଡ. ସଞ୍ଜୟ କୁମାର ପଣ୍ଡା, ଦୀନବନ୍ଧୁ ଶ୍ରୀପଲ୍ଲବ ଓ ନଳିନୀକାନ୍ତ ଗୌଡ଼ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବେଣୀମାଧବ ପାଢ଼ୀ ସ୍ମାରକୀ ବକ୍ତୃତାମାଳା

# ୨ ଲୁଟେରା ଗିରଫ

**ଆସିକା,୭।୬(ଡି.ଏନ.ଏ)**

ଆସିକା ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଜଣେ ମୋପେଡ ଆରୋହୀଙ୍କୁ ମାଡମାରି ଟଙ୍କା ଓ କାଗଜପତ୍ର ଲୁଟି ନେଇଥିବା ୨ ଲୁଟେରାଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗ୍ରାମର ଶିବ ପୋଲାଇ ଓ ଗଣେଶ ପୋଲାଇ । ଅଭିଯୁକ୍ତଦ୍ୱୟଙ୍କ ନିକଟରୁ ପୋଲିସ ଟଙ୍କା ଓ ଲୁଟ ସାମଗ୍ରୀ ଉଦ୍ଧାର କରିଛି । ଉଭୟଙ୍କୁ ବୁଧବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ଗାଙ୍ଗପୁର ଥାନା ଖଣ୍ଡରାବଳିସ୍ଥିତ ଏକ କୁକୁଡା ଫାର୍ମରେ ଡାକ୍ତର ଭାବେ ନିୟୋଜିତ ସରୋଜ କୁମାର ପାତ୍ର ମଙ୍ଗଳବାର ରାତି ପ୍ରାୟ ୮ଟାରେ କାମ ସାରି ଖଣ୍ଡବନ୍ଧ ଦେଇ ମୁଣ୍ଡମରାଇ ଗ୍ରାମକୁ ଫେରୁଥିଲେ । ଏହି ସମୟରେ ଅଭିଯୁକ୍ତଦ୍ୱୟ ଖଣ୍ଡବନ୍ଧ ଗ୍ରାମ ଉପକଣ୍ଠରେ ଥିବା ପୋଖରୀ ନିକଟରେ ତାଙ୍କୁ ଅଟକାଇ ନିର୍ଘୁମ ମାଡ ମାରିବା ସହ ତାଙ୍କ ପକେଟରୁ ୨ହଜାର ଟଙ୍କା, ମୋବାଇଲ ଫୋନ, ପାନ କାର୍ଡ, ଆଧାର କାର୍ଡ ଓ ବାଇକର ଚାବି ନେଇ ପଳାଇଥିଲେ । ଘଟଣା ସମ୍ପର୍କରେ ସରୋଜ ମଙ୍ଗଳବାର ରାତିରେ ଆସିକା ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଆସିକା ଥାନାରେ ୩୨୯/୨୩ରେ ଏକ ମାମଲା ରୁଜୁକରାଯାଇ ଘଟଣାର ତଦନ୍ତ ଚାଲିଥିଲା।

# କାର୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ କାର ।

**ବ୍ରହ୍ମପୁର ଅଫିସ,୭।୬**

ଅବକାରୀ ଗୋଇନ୍ଦା ଡେପୁଟି କମିଶନର ଡ଼ମ୍ବୁରଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏକ ଟିମ ଆଙ୍କୁଶପୁର ଛକରେ ଗାଡ଼ି ଚେକିଂ କରିଥିଲା। ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର(ଓଡ଼ି ୦୨ଇ ୭୮୬୯)କୁ ଉକ୍ତ ଟିମ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖାଯାଇଥିଲା। ୬୦ଟି ପ୍ୟାକେଟରେ ଥିବା ୬୦ କେଜି ଗଞ୍ଜେଇ ସହ କାରକୁ ଟିମ ଜବତ କରିଥିଲା। ଉକ୍ତ ଗଞ୍ଜେଇ ନେଉଥିବା ଅନୁଗୁଳ ରାଜକିଶୋର ନଗରର ମନୋଜ ବାଘ(୨୮)ଙ୍କୁ ଗିରଫ କରାଯାଇଛି। ମନୋଜ କନ୍ଧମାଳ ଜିଲାରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ଅନୁଗୁଳ ଚାଲାଣ କରୁଥିଲେ ବୋଲି ଅବକାରୀ ଡେପୁଟି ସୁପେରଟେଣ୍ଡେଣ୍ଟ କୁବେର ସେଠୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ମାମଲା ନଂ.୧୨୬/୨୩-୨୪ରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସେଠୀଙ୍କ ନେତୃତ୍ୱରେ ଏସଆଇ ଅଜିତ କୁମାର ନାୟକ, କନଷ୍ଟେବଳ କପିଳାଶ ଭତ୍ରା, ବଳରାମ ଜେନା, ସରୋଜ ସ୍ୱାଇଁ, ସନ୍ତୋଷ ନାୟକ, ଭଗବାନ ହେମ୍ବ୍ରମ ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ଶିକ୍ଷା ଶିବିରରେ ଆଲୋଚନାଚକ୍ର

**ବ୍ରହ୍ମପୁର ଅଫିସ,୭।୬**

ଗଞ୍ଜାମ ଜିଲା ସିପିଆଇ ପକ୍ଷରୁ ଗୋପାଳପୁରରେ ଅନୁଷ୍ଠିତ ସଂଗ୍ରାମୀ ସ୍ୱର୍ଗତ ଗୋବିନ୍ଦ ମହାନ୍ତି ସ୍ମାରକୀ ରାଜ୍ୟସ୍ତରୀୟ ଶିକ୍ଷା ଶିବିରର ବୁଧବାର ଚତୁର୍ଥ ଦିବସରେ ଆୟୋଜିତ ଭାରତର ସ୍ୱାଧୀନତା ଆନ୍ଦୋଳନରେ କମ୍ୟୁନିଷ୍ଟ ପାର୍ଟିର ଭୂମିକା ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ବିଶ୍ୱ ଶିକ୍ଷକ ସଂଘର ସଭାପତି ପ୍ରଫେସର ଅମୀୟ ମହାନ୍ତି ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ବ୍ରିଟିଶ ବିରୋଧରେ ଦେଶ ବ୍ୟାପୀ ଯେଉଁ ଆନ୍ଦୋଳନ ସୂତ୍ରପାତ ହୋଇଥିଲା ସେଥିରେ କମ୍ୟୁନିଷ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ଦର୍ଶାଇଥିଲେ। ବିଭିନ୍ନ ଜେଲରେ ଥିବା ବନ୍ଦୀଙ୍କ ମଧ୍ୟରୁ ସର୍ବାଧିକ ବାମପନ୍ଥୀ ଥିବା ସେ ସୂଚାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଅଧିକାଂଶ କୃଷକ, ଶ୍ରମିକ, ଯୁବକ, ଛାତ୍ର, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ତେଣୁ ଆନ୍ଦୋଳନ ସଫଳ ହେଲା ଏବଂ ଭାରତ ସ୍ୱାଧୀନ ହୋଇଥିବାର ପ୍ରଫେସର ମହାନ୍ତି ମତବ୍ୟକ୍ତ କରିଥିଲେ। ସାମ୍ପ୍ରତିକ ରାଜନୀତି ପରିପ୍ରେକ୍ଷୀରେ ଆଗାମୀ ପିଢ଼ୀ ଯୁବ ଓ ଛାତ୍ରମାନେ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣୀତ ହୋଇ ଅନ୍ୟାୟ ବିରୋଧରେ ସଂଗ୍ରାମ କରିବାକୁ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ କମ୍ୟୁନିଷ୍ଟ ବିଧାୟକ ନାରାୟଣ ରେଡ଼ି, ଜିଲା ସିପିଆଇ ସମ୍ପାଦକ ପ୍ରକାଶ ପାତ୍ର, ବରିଷ୍ଠ ନେତା ରମେଶ ପାଢ଼ୀ, ନୀଳକଣ୍ଠ ଦାସ, ପ୍ରଦୀପ ସେଠୀ, କାମଦେବ ନାହାକ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସମ୍ପ୍ରତି ପୁଞ୍ଜିବାଦୀ ଅର୍ଥନୀତି ଓ ସମାଜବାଦୀ ଅର୍ଥନୀତି ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସିପିଆଇ ନେତାଙ୍କ ସମେତ କେତେକ ଶିବିରାର୍ଥୀ ଭାଗ ନେଇଥିଲେ। ଗୋପାଳପୁର ସମୁଦ୍ର ବେଳାଭୂମିରେ ଥିବା ୟୁଥ ହଷ୍ଟେଲ ପରିସରରେ ଶିବିର ଆୟୋଜନ କରାଯାଇଛି। ଶୁକ୍ରବାର ଶିବିର ଉଦଯାପିତ ହେବ।

# ଲୁଟ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୭।୬(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ବୁଧବାର କୁଶପଡ଼ା ଗ୍ରାମର ବି.ନରସିଂହ ଦୋରାଙ୍କୁ କୋର୍ଟ ଚାଲାଣ କରିଛି। ମାମଲା ନଂ.୨୦୬/୨୩ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ଗତ ଶୁକ୍ରବାର ଅନଙ୍ଗପୁର ଗ୍ରାମର ବିନୋଦ ସାହୁ କୁଶପଡ଼ା ଗ୍ରାମରେ କାମସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ବିନୋଦଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିବା ସହ ତାଙ୍କଠାରୁ ୧ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବିନୋଦ ଥାନାରେ ଏତଲା ଦେଇଥିଲେ।

# ୱାନ୍ ଷ୍ଟପ୍ ସେଣ୍ଟରରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ବ୍ରହ୍ମପୁର ଅଫିସ, ୭।୬**

ୱାନ୍ ଷ୍ଟପ୍ ସେଣ୍ଟରରେ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଗତ ୧ ତାରିଖରେ ଛତ୍ରପୁର ଥାନା ପୋଲିସ ଜଣେ ମହିଳାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ପରିସରରେ ଥିବା ୱାନ ଷ୍ଟପ ସେଣ୍ଟରରେ ଛାଡ଼ିଥିଲା। ତାଙ୍କ ପାରିବାରିକ ସମସ୍ୟା ଦୂର ପାଇଁ ସଖୀ ପକ୍ଷରୁ ଉକ୍ତ ମହିଳାଙ୍କୁ କାଉନସଲିଂ କରାଯାଇଥିଲା। ୨ତାରିଖରେ ମହିଳାଙ୍କ ସ୍ୱାମୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିଲା। ସେହିଦିନ ମହିଳା ଜଣଙ୍କ ୱାନ୍‌ଷ୍ଟପ୍ ସେଣ୍ଟର ଛାଡ଼ି ଚାଲିଯିବାକୁ ଧମକ ଦେବାରୁ ତାଙ୍କ ମା'ଙ୍କୁ ଡକାଇ ଝିଅକୁ ସାଙ୍ଗରେ ନେଇଯିବାକୁ ନିବେଦନ କରାଯାଇଥିଲା। କିନ୍ତୁ ମହିଳା ଜଣଙ୍କ ମା'ଙ୍କ ସହ ଯିବାକୁ ରାଜି ହୋଇନଥିଲେ। ଗତ ୫ତାରିଖ ମଧ୍ୟାହ୍ନରେ ମହିଳା ଜଣଙ୍କ ବେକରେ ଓଢ଼ଣୀ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେହିସମୟରେ ସେଣ୍ଟରର ଜଣେ କର୍ମଚାରୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ନେବାରେ ସକ୍ଷମ ହୋଇଥିଲେ।

# ମନ୍ତ୍ରୀ, ଏମ୍‌ପିଙ୍କ ଉଦ୍‌ଘାଟନୀ କାର୍ଯ୍ୟକ୍ରମ


ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ମନ୍ତ୍ରୀ ଓ ଏମ୍‌ପି।

**ପାତ୍ରପୁର, ୭।୬(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ଗୁଣ୍ଡୁରା ପଞ୍ଚାୟତ ସୁନାଖଳା ଗ୍ରାମରେ ବୁଧବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଏବଂ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ପହଞ୍ଚି ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ, ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଲଙ୍କେଶ୍ୱରୀ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଛନ୍ତି। ଗୁଣ୍ଡୁରା ସରପଞ୍ଚ ଭଗବତୀ ପ୍ରସାଦ ପାଣିଗ୍ରାହୀ ଓ ସମିତିସଭ୍ୟ ନିତ୍ୟାନନ୍ଦ ବିଶୋଇ ପ୍ରମୁଖ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାତ୍ରପୁର ତହସିଲ ଦାୟିତ୍ୱରେ ଥିବା ଟିକିଟି ତହସିଲଦାର ବିଶ୍ୱରଞ୍ଜନ କଂହର, ବିଡ଼ିଓ ପ୍ରକାଶ ଦାସ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରା, ଜିଲାପରିଷଦ ସଭ୍ୟା ଯଶୋଦା ଶବର, ଶ୍ରୀରୂପ ଦେଓ, ସୁରେନ୍ଦ୍ର ମଣ୍ଡଳ, ସଚ୍ଚିଦାନନ୍ଦ ରାଜଗୁରୁ ଉପସ୍ଥିତ ଥିଲେ। ଶିକ୍ଷାବିତ କେ.କୃଷ୍ଣମୂର୍ତ୍ତି ଧନ୍ୟବାଦ ଦେଇଥିଲେ। ପାନୀୟ ଜଳ ପ୍ରକଳ୍ପ ବିଭାଗୀୟ ଯନ୍ତ୍ରୀ ରବର୍ଟ ପ୍ରଧାନ, ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନୀରେ କିରଣ ସୁବୁଦ୍ଧି, ଡା.ରାଜକିଶୋର ସାହୁ, ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉିଲେଶ୍ୱରୀ ବିଷୋୟୀ, କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ଜେଲରେ ବ୍ରହ୍ମପୁର ପୋଲିସର ମୋଷ୍ଟ ୱାଣ୍ଟେଡ

**ବ୍ରହ୍ମପୁର ଅଫିସ,୭।୬**

ବ୍ରହ୍ମପୁର ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବା ଜଙ୍ଗଲ କିଙ୍ଗ୍ କୁନା ବେହେରା ଏବେ ଖୋର୍ଦ୍ଧା ଜେଲରେ ଅଛନ୍ତି। ମେ ୨ ତାରିଖରେ ଏକ ପୁରୁଣା ଡକାୟତି ମାମଲାରେ ସେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଗୋଳନ୍ଥରା ଥାନା ପୋଲିସ କୁନାଙ୍କୁ ରିମାଣ୍ଡରେ ଆଣି ପୁରୁଣା ମାମଲାରେ ଜଡ଼ିତ କରିବା ପାଇଁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମାଞ୍ଚଳ)ରେ ଆବେଦନ କରିଥିଲା। କୋର୍ଟ କୁନାଙ୍କୁ ରିମାଣ୍ଡରେ ନେବାକୁ ଅନୁମତି ପ୍ରଦାନ କରିଛନ୍ତି ବୋଲି ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି। କୁନାଙ୍କୁ ସ୍ୱେରିଂ କରିବା ପାଇଁ ଖୋର୍ଦ୍ଧା ସେସନ୍ସ କୋର୍ଟକୁ ଚିଠି କରାଯାଇଛି। ଅନୁମତି ମିଳିବା ପରେ କୁନାଙ୍କୁ ବ୍ରହ୍ମପୁର କୋର୍ଟକୁ ଅଣାଯିବ। କୁନାଙ୍କୁ ଆଣି ପୋଲିସ ଜେରା କରିବା ପରେ ବହୁ ତଥ୍ୟ ପଦାକୁ ଆସିବ ବୋଲି ଜଣାପଡିଛି। ଗୋଳନ୍ଥରା ଥାନାରେ କୁନା ବିରୋଧରେ ୨୬ଟି ମାମଲା ରହିଛି। ହତ୍ୟା, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ, ଗଞ୍ଜେଇ ଚୋରା ଚାଲାଣ ସହ ପୋଲିସ ଉପରକୁ ଗୁଳିମାଡ଼ ଭଳି ସଂଗୀନ ମାମଲା ରହିଛି। ଦୀର୍ଘ ୪ବର୍ଷ ହେଲା କୁନା ବ୍ରହ୍ମପୁର ପୋଲିସକୁ ଚକ୍‌ମା ଦେଇ ଫେରାର ଥିଲେ। ତାଙ୍କୁ ଧରିବାକୁ ବହୁଥର ବ୍ରହ୍ମପୁର ପୋଲିସ ଉଦ୍ୟମ କରି ବିଫଳ ହୋଇଥିଲା। ଶେଷରେ ସେ ଡକାୟତି ମାମଲାରେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେହି କେସ୍ ବର୍ତ୍ତମାନ ଖୋର୍ଦ୍ଧା ସେସନ୍ସ କୋର୍ଟକୁ ସ୍ଥାନାନ୍ତର ହୋଇଥିବାରୁ କୁନାଙ୍କୁ ଖୋର୍ଦ୍ଧା ଜେଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଥାଉ କି, ୨୦୧୯ରୁ କୁନା ଫେରାର ଥିଲେ। ୨୦୨୧ ଅକ୍ଟୋବର ୮ତାରିଖ ଭୋର୍ ୫ଟାରେ ଦିଗପହଣ୍ଡି ଚଢେୟାଗଡ଼ ଗ୍ରାମ ନିକଟ ଜଙ୍ଗଲ ଭିତରେ ପୋଲିସ ଟିମ୍ ଚଢ଼ାଉ କରି କୁନାଙ୍କ ଗଞ୍ଜାମ ଆଡ୍ଡାରେ ପହଞ୍ଚିଥିଲା । କୁନା ପୋଲିସ ଉପରକୁ ବୋମା ମାଡ଼ ଓ ଗୁଳି ଚାଳନା କରି କେରାଣ୍ଡିମାଳ ଜଙ୍ଗଲ ଭିତରକୁ ଖସି ପଳାଇଥିଲେ। କୁନା ଜଙ୍ଗଲରେ ରହିଲେ ମଧ୍ୟ କେ.ନୂଆଗାଁ, ଗୋଳନ୍ଥରା ଥାନା ଓ ଦିଗପହଣ୍ଡି ଥାନା ଅଞ୍ଚଳରେ ପତିଆରା ଜାହିର କରିବାକୁ ଆତଙ୍କ ଜାରି ରଖିଥିଲେ। ୨୦୨୨ ଏପ୍ରିଲ ୪ତାରିଖ ରାତିରେ ପୁଣି କୁନାଙ୍କୁ ଧରିବାକୁ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରିଥିଲା। ସେତେବେଳେ ବି ପୋଲିସକୁ ଦେଖି କୁନା ଗୁଳି ଫୁଟାଇ ସେଠାରୁ ଚମ୍ପଟ ମାରିଥିଲେ। କିଛି ମାସ ପରେ ଟାମଣା ଜଙ୍ଗଲ ଘଟକେଶ୍ୱର ମନ୍ଦିର ନିକଟରେ ସମ୍ବର ଶିଙ୍ଗ ବିକ୍ରି କରିବା ପାଇଁ ଡିଲ ଚାଲିଥିବା ବେଳେ ଗୋଳନ୍ଥରା ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଚକ୍‌ମା ଦେଇ କୁନା ଓ ତାଙ୍କର ସହଯୋଗୀ ମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପରବର୍ତ୍ତୀ ସମୟରେ କୁନା ବାଣପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ବିଏମ୍‌ସି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ମେୟର, ବିଧାୟକ ଓ ଅନ୍ୟମାନେ।

**ବ୍ରହ୍ମପୁର ଅଫିସ,୭।୬**

ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବୁଧବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମେୟର ସଂଘମିତ୍ରା ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇ ନୀରବ ପ୍ରାର୍ଥନା କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଅନ୍ୟମାନଙ୍କ ଡେପୁଟି ମେୟର ଇ ବିବେକ ରେଡି, କମିଶନର ଜେ ସୋନାଲ, ଅତିରିକ୍ତ କମିଶନର ସମ୍ବିତ ରାଉତ, ଡେପୁଟି କମିଶନର ଆଶୀର୍ବାଦ ପରିଡା, ବିନୋଦ କୁମାର ବେହେରା ଓ ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀମୋହନଙ୍କ ସମେତ ବହୁ କର୍ପୋରେଟର ଏବଂ ବିଏମସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

